XXY

THE SAMAJ
Dated 8.10.2009 - Page-9



# ପଞ୍ଚାୟତିରାଜ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ

ବାରିପଦା,୮।୧୦(ନି.ପ୍ର)- ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମ, ଭୂମିକା, ଦାୟିତ୍ୱ ଓ ବିକାଶମୂଳକ ଯୋଜନା ସମ୍ପର୍କରେ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାରେ ପର୍ଯ୍ୟାୟକ୍ରମେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଅନୁକୂଳରେ ଆଜିଠାରୁ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଭାରତୀୟ ଜନକଲ୍ୟାଣ କେନ୍ଦ୍ର ପକ୍ଷରୁ ସ୍ଥାନୀୟ [illegible]ଠାରେ ଥିବା କେନ୍ଦ୍ର କାର୍ଯ୍ୟାଳୟରେ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜମ୍ବୁଧର ଜେନା ମୁଖ୍ୟ ଅତିଥି ଭାବେ ଏବଂ ବରିଷ୍ଠ ସାମ୍ବାଦିକ ବନ୍ଧୁ ବିଜୟକୁମାର ଅଗରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜନକଲ୍ୟାଣ କେନ୍ଦ୍ରର ସମ୍ପାଦକ ସ୍ୱରୂପାନନ୍ଦ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତି ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।



ଗ୍ରାମାଞ୍ଚଳରେ ବିକାଶମୂଳକ ଯୋଜନାର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥାର ଜିଲାସ୍ତରରେ ଜିଲା ପରିଷଦ, ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଓ ପଞ୍ଚାୟତସ୍ତରରେ ଗ୍ରାମ ପଞ୍ଚାୟତ ରହିଛି । ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡ଼ିକ ଯେଉଁ ବିଭାଗ କରୁନା କାହିଁକି ତାହା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ହିଁ କରାଯାଉଥିବାରୁ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଥମ ସୋପାନ ହେଉଛି ଗ୍ରାମ ପଞ୍ଚାୟତ । ଏଣୁ ପଞ୍ଚାୟତ ସ୍ତରରେ ରହୁଥିବା ଏହି ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ ଓ ୱାର୍ଡ ସଭ୍ୟଙ୍କୁ ସାମିଲ କରାଯାଇଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାସଗୋବିନ୍ଦପୁର ବ୍ଲକର ରାସଗୋବିନ୍ଦପୁର, ଦେବଶୋଳ, ସାହୁଲା ଓ ନାଗିଡ଼ୁଆ ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଛନ୍ତି । ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ପକ୍ଷରୁ ଜିଲାସ୍ତରୀୟ ପ୍ରଶିକ୍ଷକ ତାଲିମ ପ୍ରଦାନ କରିବେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ । ଏହି କେନ୍ଦ୍ରରେ ଜିଲା ପ୍ରଶିକ୍ଷକ ଅଶିମକୁମାର ମଲ୍ଲିକ ଓ ମହେନ୍ଦ୍ରନାଥ ସେନାପତି ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି । ରାସଗୋବିନ୍ଦପୁର ବିଡିଓ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ପଞ୍ଚାୟତ ଅଧିକାରୀ ରମେଶଚନ୍ଦ୍ର ଜେନା, ଏପିଡି(ଡିପି) ଅନୁପକୁମାର ପାଣିଗ୍ରାହୀ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ । ଏହିଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲାର ଅନ୍ୟ ୪ଟି ବ୍ଲକର ପ୍ରତିନିଧିଙ୍କ ପାଇଁ ବାରିପଦାର ଅନ୍ୟ ଚାରିଗୋଟି ସ୍ଥାନରେ ଉଦ୍‌ଘାଟିତ ହୋଇଛି । ସୋଡ଼ା ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ କଣ୍ଟାପୋଖରୀଠାରେ କୁଲିଅଣା ବ୍ଲକର ନୋଧନା, ପୁରୁଣାପାଣି ଓ କୁଲିଅଣାର ପଞ୍ଚାୟତ ପ୍ରତିନିଧିଙ୍କୁ ଜିଲା ପ୍ରଶିକ୍ଷକ ଅଶୋକକୁମାର ନାୟକ ଓ କରୁଣାକର ନାୟକ ପ୍ରଶିକ୍ଷଣ ଦେଉଥିବା ବେଳେ ଆଧାର ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଶଙ୍କରପୁରର କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଉଦଳା ବ୍ଲକର ରାହାଡ଼ୋ, ଭାମଡାଳି ଓ କୁଚିକାଟିଆ ପଞ୍ଚାୟତ ପ୍ରତିନିଧିଙ୍କୁ ଜିଲା ପ୍ରଶିକ୍ଷକ ବିଜୟକୁମାର ରାଉତ ଓ ବିଜୁଳିକୁମାର ସାହୁ ପ୍ରଶିକ୍ଷଣ ଦେଉଛନ୍ତି । ଦାଶ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ ସ୍ଥାନୀୟ ହୋଟେଲ ସାଇ ବିନାୟକଠାରେ ବାରିପଦା ବ୍ଲକର ହାତୀକୋଟ, 'ଉଦ୍ରାଖମାରୀ ଓ ଭାଗବତଚନ୍ଦ୍ରପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଜିଲା ପ୍ରଶିକ୍ଷକ ଜୀବନକୁମାର ବେହେରା ଓ ଦାମୋଦର ସ୍ୱାଇଁ ଏବଂ ଜାଗୃତି ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ସ୍ଥାନୀୟ ବାୟୋସ୍ତା ରୋଜଗାର ସଂସ୍ଥାର ତାଲିମ କେନ୍ଦ୍ରରେ ତାରଙ୍ଗପୁର ବ୍ଲକର ହାଟବାଡ଼ା, ଲାକ୍ଷ୍ମୀପୋଷି ଓ ପ୍ରତାପପାଣି ପଞ୍ଚାୟତର ପ୍ରତିନିଧିଙ୍କୁ ଜିଲା ପ୍ରଶିକ୍ଷକ ବିବେକାନନ୍ଦ ଜେନା ଓ ନିବେଦିତା ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେଉଛନ୍ତି । ଆଗାମୀ ବର୍ଷକ ମଧ୍ୟରେ ଜିଲାର ୨୬ଟି ଯାକ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ପ୍ରତିନିଧିଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

The above news published in the daily News Paper "The Samaj" dated 8th Oct, 09 (Page-9).

BJKK, BARIPADA
MAYURBANJ DISTRICT
(BRGF)

Secretary
Bharatiya Jana Kalyan Kendra
BARIPADA